


Digitized by srujan ka@gmail.com

# ବକୁଳ ବନର ଗୁରୁ

ଜାତୀୟ କବି ବୀରକିଶୋର ଦାସ

Digitized by srujan ka@gmail.com

ପ୍ରକାଶକ :
ଧୀରେନ୍ ପଟ୍ଟନାୟକ
ଶ୍ରୀଗୋପାଳ ପବ୍ଲିକେଶନ୍ସ
କାଜିଗଳି, କଟକ-୨

ପ୍ରଥମ ମୁଦ୍ରଣ :
ଏପ୍ରିଲ ୧୯[illegible]

ମୁଦ୍ରକ :
ଲିପିକା ପ୍ରିଣ୍ଟର୍ସ
କଟକ-୧

ମୂଲ୍ୟ—ଏକ ଟଙ୍କା

Digitized by srujan ka@gmail.com

## ଉତ୍ସର୍ଗ

ଆମ

ଉତ୍କଳର ଶିକ୍ଷାମନ୍ତ୍ରୀ

ଶ୍ରୀଯୁକ୍ତ ବନମାଳୀ ପଟ୍ଟନାୟକଙ୍କ

କରକମଳରେ······

ଧୀରେନ୍

Digitized by srujan ka@gmail.com

# ଅବତରଣିକା

ଅଗ୍ରଜ ହରିହର ମୋର କୈଶୋର-ଗୁରୁ । କଟକ ପିଆରୀ-ମୋହନ ଏକାଡେମିରେ ପଢ଼ିଲାବେଳେ ମୁଁ ତାଙ୍କର ଶିଷ୍ୟ ଥିଲି ।

ପଣ୍ଡିତ ନୀଳକଣ୍ଠ ମୋର ଶିକ୍ଷକ । କାରାଗାରଠାରୁ ଦରବାର-ଯାକେ ମୁଁ ଯେତେବେଳେ ତାଙ୍କ ସଂପର୍କରେ ଆସିଛି, ଅଧିକାଂଶ ସମୟରେ ଆମ ଭାଷା-ସାହିତ୍ୟ ବିଷୟରେ ଆଲୋଚନା କରିଛି ଏବଂ ତାଙ୍କଠାରୁ ଯାହା ଶିଖିବାର କଥା ଶିଖିଛି ।

ଗୁଡ଼ିଏ ପାନ ଖାଇବା ପଣ୍ଡିତଜୀଙ୍କର ଗୋଟାଏ ନିଶା ଥିଲା ; ତାଠାରୁ ବଳି ଆଉ ଯୋଡ଼ିଏ ବଡ଼ ନିଶା ଥିଲା —ପଢ଼ିବା, ଲେଖିବା ।

ପ୍ରଥମ ବିଷୟଟି ମୁଁ ଅଙ୍ଗେ ଲିଭେଇଛି ହଜାରିବାଗ ଜେଲରେ । ରୋଗଶଯ୍ୟାରେ ପଡ଼ି ସୁଦ୍ଧା ସେ ରାତି ଦୁଇଟାବେଳଯାଏ ବହି ଧରି ବସି ପଢ଼ୁଥାନ୍ତି । ଡାକ୍ତର ଆସି ଯେତେ ବାରଣ କଲେ ମଧ୍ୟ ସେ ସେଥିରୁ କ୍ଷାନ୍ତ ହୁଅନ୍ତି ନାହିଁ । ଡାକ୍ତର ଥରେ ବିରକ୍ତ ହେବାରୁ ସେ ତାଙ୍କୁ କହିଲେ—"ମୋର ଯା ପଥ୍ୟ ମିଳୁଛି ଆପଣ ତାକୁ କାଟି-ଦିଅନ୍ତୁ ପଛକେ, ମୁଁ ପଢ଼ାପଢ଼ି ଛାଡ଼ିପାରିବି ନାହିଁ ।"

କବି, ପଣ୍ଡିତ, ଐତିହାସିକ ନୀଳକଣ୍ଠଙ୍କର ସାହିତ୍ୟସେବା ତଥା ପ୍ରତିଭା ବିଷୟ ସମସ୍ତେ ଜାଣନ୍ତି । ସେ କ୍ଷମତା-ରାଜନୀତି ହେମହରିଣୀ ପଛରେ ଧାଇଁ ଧାଇଁ ବନ୍ଧୁବାନ୍ଧବ ଆତ୍ମୀୟସ୍ୱଜନଙ୍କ ଆଦରର ଶୈଥିଲ୍ୟ ଅନୁଭବ କଲେ ସୁଦ୍ଧା ବାଗ୍‌ଦେବୀଙ୍କ ଆଦରରୁ ବଞ୍ଚିତ ହୋଇ ନାହାନ୍ତି । ସେ ବିଧାନ-ସଭାର ବାଚସ୍ପତି ପଦରୁ ବିଦାୟ ନେବା ଦିନଠାରୁ ସେପାରିକି ଯିବେ ବୋଲି ସଜ ହେଉଥିଲେ ।

Digitized by srujan ka@gmail.com

ଯଥାସମୟରେ ଅଦୃଷ୍ଟର ଉଡ଼ାଜାହାଜ ଆସି ପହଞ୍ଚିଗଲା । ସେ ଉଡ଼ି ଚାଲିଗଲେ ।

ତାଙ୍କର ବିୟୋଗ-ବାର୍ତ୍ତା ପାଇଲାଦିନ ଗୋଟିଏ ଶୋକ-ସଙ୍ଗୀତ ଲେଖିପକାଇଥିଲି ।

ପରେ ମୋର ବନ୍ଧୁ 'ଶିଶୁ ସମ୍ପଦ'ର ସଂପାଦକ ତଥା 'ଜ୍ଞାନ-ମଣ୍ଡଳ'ର ପ୍ରଣେତା ଶ୍ରୀଯୁକ୍ତ ବିନୋଦ କାନୁନଗୋ ମୋତେ ପଣ୍ଡିତ ନୀଳକଣ୍ଠଙ୍କ ବିଷୟ କିଶୋରମାନଙ୍କୁ ଜଣାଇବା ଲାଗି ଗୋଟିଏ କବିତା ଲେଖିବାକୁ ପ୍ରବର୍ତ୍ତାଇଥିଲେ—ଲେଖୁଁ ଲେଖୁଁ କବିତାଟି ବଡ଼ ହୋଇ ଖଣ୍ଡିଏ କ୍ଷୁଦ୍ର ପୁସ୍ତିକାର ଆକାର ଧାରଣ କଲା ।

ଏ ପୁସ୍ତିକା ଖଣ୍ଡି ଲେଖିଲାବେଳେ ମୋର ସାଥୀ ଶ୍ରୀଯୁକ୍ତ ଗୋବିନ୍ଦଚନ୍ଦ୍ର ଦାସ ଆବଶ୍ୟକମତେ ସାହାଯ୍ୟ ଦେଇଥିବାରୁ ମୁଁ ତାଙ୍କ ନିକଟରେ କୃତଜ୍ଞ ।

ଡାକ୍ତର ମାଧବାନନ୍ଦ ଷଡ଼ଙ୍ଗୀ, 'ନବଜୀବନ' ସମ୍ପାଦକ ଶ୍ରୀଯୁକ୍ତ ଚିନ୍ତାମଣି ମିଶ୍ର ଏବଂ 'ତରୁଣ ଶବ୍ଦକୋଷ'ର ପ୍ରଣେତା ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର କର ଏ କବିତାଟି ଶୁଣି ଏହାର ଆଶୁ ପ୍ରକାଶନପାଇଁ ଉତ୍ସାହ ଦେଇଥିବାରୁ ମୁଁ ସେମାନଙ୍କ ନିକଟରେ ଋଣୀ ।

ସର୍ବଶେଷରେ 'ଅରୁନ୍ଧତୀ' ଚଳଚ୍ଚିତ୍ରର ପ୍ରଯୋଜକ ଶ୍ରୀମାନ୍ ଧୀରେନ୍ ପଟ୍ଟନାୟକ ସ୍ୱତଃପ୍ରବୃତ୍ତ ହୋଇ ଏହାର ପ୍ରକାଶନର ଦାୟିତ୍ୱ ବହନ କରିଥିବାରୁ ଏବଂ ବିକ୍ରୟଲବ୍ଧ ଅର୍ଥରୁ ଦୁଇ ଶତ ଟଙ୍କା ବାତ୍ୟାପୀଡ଼ିତ ପାଣ୍ଠିକୁ ଦେବା ଲାଗି ରାଜି ହୋଇଥିବାରୁ ମୁଁ ତାଙ୍କୁ ଅନ୍ତରର ଆଶୀର୍ବାଦ ପ୍ରଦାନ କରୁଛି ।


କାଳିଗଳି, କଟକ-୨

ବସନ୍ତପଞ୍ଚମୀ

୩ । ୨ । ୬୮

ବୀରକିଶୋର

Digitized by srujan ka@gmail.com



ପଣ୍ଡିତ ନୀଳକଣ୍ଠ

Digitized by srujan ka@gmail.com

# ନୀଳକଣ୍ଠ

ପଚ୍ଚରନ୍ତି ପିଲା
ସମସ୍ତେ ଜୁଟି—
"କାଲି କଆଁ ସାର୍ !
ହୋଇଲା ଛୁଟି ?
ନ ଥିଲା ପୁନଅ-
ପରବ କିଛି,
ଫେରିଗଲୁଁ ଦେଖି
ତାଲା ପଡ଼ିଛି ।
ଶୁଣିଲୁଁ ଗାଆଁରେ
ପଡ଼ିଛି କଥା—
'କେଡ଼େ ପଣ୍ଡିତ ସେ
କେଡ଼େ ତା ମଥା' !"

କହିଲେ ଗୁରୁଜୀ
ମୁହଁ ଶୁଖାଇ—
"ଆମ ପତାକାଙ୍କୁ
ହଅ ଅନାଇ ।

Digitized by srujan ka@gmail.com

ନୂଆଁଣିଆ ହୋଇ
ଉଡ଼େ ପବନେ
କେତେ ଗଳ୍ପ-କଥା
ପଡ଼େ ତା ମନେ ।

ଖବରକାଗଜକୁଁ
ପଢ଼ିଛୁ ଯାହା
ମନ ଦେଇ ଶୁଣ
କହୁଛୁ ତାହା ।

ଆଜି ଯେଉଁ କଥା
ପଡ଼ୁଛି କାନେ
କହିବ ସବୁ ତା
ରଖିବ ମନେ......

"କାଲି ସଅଁବାର
ନଘର ଓଳି
ପଡ଼ଲା କଟକେ
କାନ୍ଦବୋବାଳି ।

ଟେଲିଫୋନ ଦେଲ
ଖବର ବାଢ଼ି
'ଗଲେ ନୀଳକଂଠ
ଆମଙ୍କୁ ଛାଡ଼ି' ।

Digitized by srujan ka@gmail.com

ପାଠିକା ପାଠକ,
କବି, ଲେଖକ,
ସୁଧୀ, ସାମ୍ବାଦିକ,
ଲୋକସେବକ,

ସାନ ବଡ଼ ପିଲା,
ବୁଢ଼ା ଦେଣ୍ଡିଆ
ଶେଯ ପାଖେ ଆସି
ହୋଇଲେ ଠିଆ ।

ଶେଷ ଥରପାଇଁ
ତାହାଙ୍କୁ ଦେଖି
ମୁହଁ ଗଲା ସେଠି
ସବୁର ଶୁଖି ।

ରାଜଧାନୀ କାନେ
ଗଲା ଖବର,
ଚମକପଡ଼ିଲା
ଭୁବନେଶ୍ୱର ।

ସରକାରୀ ଅବା
ବେସରକାରୀ
ସବୁର ମୁହଁରୁ
ଗଲା ବାହାରି—

'କେଡ଼େ ବଡ଼ ଲୋକ
ପଡ଼ିଲେ ଢଳି
କେ ଅଛୁ ପଣ୍ଡିତ
ତାଙ୍କର ଭଳି !'

Digitized by srujan ka@gmail.com

ଦେଶ ଲାଗି ଯାର
ଜୀବନ ଦେଲେ,
'ପଦ୍ମ-ଭୂଷଣ' ସେ
ପଦ ପାଇଲେ ।

ଟଙ୍କାପଇସାର
ଲୋଭ ପାସୋର
ମୁରୁବ୍ବି ଆସିଲେ
ବଡ଼ ଗୃକର ।

ଆମ ପୂଜ୍ୟ ନେତା
'ଉତ୍କଳମଣି'
ଦେଶକୁ ଦେବତା
ପରାଏ ମଣି

ବୁଲି ବାର ଦ୍ୱାର
ଖରାବରାରେ
ଲାଗି ରହିଥିଲେ
ଲୋକସେବାରେ ;

ଯୁବକ 'କଣ୍ଠ'ଙ୍କୁ
ଦେଖିଲାକ୍ଷଣି
କୋଟିନିଧି କରି
ରଖିଲେ ଆଣି ।

ସୁଧୀ 'କୃପାସିନ୍ଧୁ',
'ଗୋଦାବରୀଶ',
ଗୁରୁ 'ହରିହର'
କରି ସାହସ



Digitized by srujan ka@gmail.com

ମିଳାଇ ତାହାଙ୍କ
ସାଥିରେ ହାତ
ଉଚ୍ଛୁଳା ନନ୍ଦରେ
ମାରିଲେ କାତ ।

ପରୁଆ ନ କରି
ଡରୁଆ ଯୁଗେ
ଲାଗଲେ ପିଲାଙ୍କୁ
ଗଢ଼ିବେ ଆଗେ ।

ପିଲାଏ ଦେଶର
ଅମୂଲ୍ୟ ଧନ,
ପିଲାଏ ଜାତିର
ବନ୍ଧୁ ବନ୍ଦନ ।

ପାରିଲେ ପିଲାଙ୍କ
ମଣିଷ କରି
ଲେଉଟିଆସିବ
ଦେଶର ଶିରୀ ।

ପାଠ ଭଲ ପାଠ
ମାରିଲେ ପଢ଼ି
ପିଲାଏ ଦେଶକୁ
ଲାଗିବେ ଗଢ଼ି ।

ପାଠ ପଢ଼ି ପିଲା
ହେଲେ ପାଠୁଆ
ନ ରହିବେ ଏଠି
ଗୋରୁ ଦାଣ୍ଡୁଆ ।

Digitized by srujan ka@gmail.com

ହାଟ ଛୁଡ଼ି ଯିବେ
ନିଜ ଗାଆଁକୁ,
ଆଜି ନ ଡରିବେ
କେହ୍ବି ତାହାଙ୍କୁ ।

ଭାଙ୍ଗିଗଲେ ତାଙ୍କ
ବେପାର-କଳ
ଦେଶ ଛୁଡ଼ି ଯିବେ
ଧୋବଲା ଦଳ ।

ବିଦେଶୀ ଶାସନ
ରହିବ ନାହିଁ,
ସ୍ୱାଧୀନ ହୋଇବ
ଭାରତଭୂଇଁ ।


'ସ୍ୱାଧୀନତା ବିନା
ମନୁଷ୍ୟ ପଶୁ'
ପିଲାଙ୍କ ମନେ ଏ
ଚେତନା ଆସୁ—

ଏଭଳି ଯୋଜନା
ଆଖିରେ ରଖି
ସାକ୍ଷିଗୋପାଳଙ୍କୁ
ରଖାଇ ସାକ୍ଷୀ

ମନଲାଖି ଗୋଟିଏ
ବାଛିଲେ ଥାନ
'ସତ୍ୟବାଦୀ'ଠାରେ
ବଉଳବଣ ।



Digitized by srujan ka@gmail.com



ଦରିଦ୍ର ବନ୍ଧୁ ଗୋପବନ୍ଧୁ

Digitized by srujan ka@gmail.com

କୁଡ଼ିଆ କରାଇ
ରଖିଲେ ଗୃହ
ଗଛମୂଳେ ପିଲା
ପଢ଼ିଲେ ପାଠ ।
'ପଞ୍ଚସଖା'ଙ୍କ ର
ଏ ବିଦ୍ୟାପୀଠ
ହେଲା ଆମ ଜାତି-
କଳପବଟ ।

ସାରା ଭାରତରେ
ପଢ଼ିବାପାଇଁ
ଏଭଳି ଇସ୍କୁଲ
ନ ଥିଲା କାହିଁ ।
'ବନ ବିଦ୍ୟାଳୟ'
ଉଠିଲା ଚେଇଁ,
ନାଆଁ ବଢ଼ାଇଲା
ଓଡ଼ିଶାଭୂଇଁ ।

'ନୀଳକଣ୍ଠ' ହେଲେ
ପ୍ରଧାନ ଗୁରୁ,
କେତେ ଛାତ୍ର ଗୁଣୀ
ଆସିଲେ ଦୂରୁ ।
ଶହରର ପାଠୁଆ
ବିଦେଶୁ ଆସି
ଶିକ୍ଷା ଧାରା ଦେଖି
ହୋଇଲେ ଖୁସି ।

Digitized by srujan ka@gmail.com

ଦେଶବିଦେଶରେ
ହେଲା ଖବର—
କୋଣାର୍କ ଦେଉଳ
ଯେଉଁ ଜାତିର ;

ଯେ ଜାତି ଗଢ଼ିଛି
ସୂର୍ଯ୍ୟ ମନ୍ଦିର,
ସାଗର ଯା ପାଦେ
ନୁଆଁଏ ଶିର,

ସେହି ରାଜ୍ୟ ସେହି
ଜାତି ଯୁବକ
ଭାରତକୁ ଦେଇ
ନୂଆ ଆଲୋକ
ଦେଖାନ୍ତି ପୃଥିବୀକି
ନୂତନ ବାଟ,
ନୂଆ ଢଙ୍ଗେ ପିଲା
ପଢ଼ନ୍ତି ପାଠ ।

ଖୋରାକ ପୋଷାକ
ନେଇ ଶିକ୍ଷକ
ତାଲିମ କରନ୍ତି
ଦେଶସେବକ ।



Digitized by srujan ka@gmail.com

"ଆମ ଦେଶ-ଶିକ୍ଷକ
'କାଗଜ୍‌' ପଢ଼ି
ବିଦେଶୀଙ୍କ ମଥା
ଗଲା ବିଗିଡ଼ି ।
ଭିତରେ ଭିତରେ
କଲେ ସନ୍ଦେହ,
ଛଡ଼ିବାକୁ ତାଙ୍କୁ
ରଚିଲେ ବ୍ୟୂହ ।
ଦିଲ୍ଲୀରୁ ଆସିଲା
ଦଅ ରିପୋର୍ଟ
ପିଲାଏ ପଢ଼ନ୍ତି
କଉଳ ପାଠ ।
ଏଙ୍କେ ଏଟେ ଢ଼ି
ଉପାଧ୍ୟାୟ
ଟଇପା-ନେଡ଼ିକୁ
ମନୁ ପାସୋଇ
ବାନ୍ଧିନନ୍ତି ଟ ଠ
ମେଳ କାହିଁକି ?
ହେଲ ଅପ୍ରସନ୍ନ
ଥିଲେ ଶୋଇ କି ?
ଘୁମୁରେ କାହିଁକି
ନ କଲେ ଜଣା ?"
କଳ୍ପିତ-ବୁଦ୍ଧି
ହୋଇଲା ବଣା ।

Digitized by srujan ka@gmail.com

ବଳ ବଳ ସ୍ୱପ୍ନରେ
ନେତ୍ର ପୁଲସି
ଅଜାଣତ ଆଢ଼େ
ଓଡ଼ଣା ଆସି

ଟିକନଗି ସବୁ
ଦେଲେ ଖବର ;
'ପଞ୍ଚସଖା'ଙ୍କର
ନ ଥିଲା ଡର ।

ଭଆଗଥିଲେ ମେ
ଅାଗରୁ ଗ୍ରନ୍ଥ,
ପୂରଣ କରିଲେ
ମନର ସାଞ୍ଚ ।

ବଡ଼ି ମନ୍ଦୁଡ଼ରେ
ପିଲଙ୍କୁ ନେଇ
ପୀଡ଼ିତ ଲୋକଙ୍କୁ
ଖାଦ୍ୟ ଦେଇ

ଗାଆଁ ଗଣ୍ଡା ଘର
ନ୍ୱବ ଦେଖାଇ
ଲୋକଙ୍କ ଅବସ୍ଥା
ଦେଲେ ବୁଝାଇ ।

ଶିକ୍ଷା ସଙ୍ଗେ ନିଜେ
ଦେଲେ ଦୀକ୍ଷା,
ବୁଲି ଦେଶ ନିତି
ମାଗିଲେ ଭିକ୍ଷା ।



Digitized by srujan ka@gmail.com

ଆଖିରେ ଦେଖିଲେ
ଭୋକରେ ପଡ଼
ଚାଷୀ କାରିଗର
ମରନ୍ତି ଗଡ଼ ।

ଶାସକ ଦଳର
ନାହିଁ ତ ଚିନ୍ତା
ସତ କଥା ତାଙ୍କୁ
ଲାଗଇ ପିତା ।

ଧନ ଦପ୍ତରେ
ଚାଲିଛି ଲୁଟି,
ଗୋରା ହାକିମଙ୍କ
ହାତରେ ଚୁଟି ।

ବଢ଼ାଇବା ଲାଗି
ଦେହେ ଶକତି,
ଫୁଟାଇବା ଲାଗି
ମନେ ଭକତି,

କେତେ ଜାତି ବହି
ପିଲାଙ୍କ ପାଇଁ
ଲେଖି ଗୁରୁମାନେ
ଦେଲେ ଛପାଇ ।

'ସତ୍ୟବାଦୀ' ନାମେ
ମାସିକ ପତ୍ର
ପଢ଼ି ଖୁସି ହେଲେ
ଦେଶର ଛାତ୍ର ।



Digitized by srujan ka@gmail.com

ଆମ ଭଲ-ମନ୍ଦ
କରି ପ୍ରଚାର
'ସମାଜ' କାଗଜ
ହେଲା ବାହାର ।

ଗୁରୁ-ଶିଷ୍ୟଙ୍କର
ଏକହିଁ ଲକ୍ଷ୍ୟ—
ଦେଶରୁ କିପରି
ଘୁଞ୍ଚିବ ଦୁଃଖ ।

ଟାଣ କଲେ ଆମ
ଜାତିର ଅଣ୍ଟା
ଦେଶୁ ହଟିଲବ
ବିଦେଶୀ କଣ୍ଟା ।

ଖୁସିବାସୀ ହୋଇ
ରହିବେ ଲୋକେ,
ନ ପଡ଼ିବେ ଆଉ
ଉପାସ ଶୋକେ ।

ଅକାଳ ମରଣ
ଦେଶରୁ ଯିବ,
ଆମ ଦେଶ ଧନ
ଦେଶେ ରହିବ।

ବିଦେଶୀ ଶାସନ
ନ ନେବ ଶୋଷି,
କୃଷୀ କାରେଗର
ହୋଇବେ ପୋଷି ।



Digitized by srujan ka@gmail.com

ମନ ଦେଇ ଲୋକ
ଖୋଜଇ ଯାହା
'ଯତ୍ନେ ହେଲେ ତାକୁ
ମିଳଇ ତାହା'
'ଭଗବତ'ର ଏ
ଜଗତ୍ ବାଣୀ
ପଢ଼ଆଇଦେଲା
ଦଇବ ଆଣି ।

"ଯୁଗ ଅବତାର
ମହାତ୍ମା ଗାନ୍ଧି
ସାରା ଭାରତକୁ
ପ୍ରୀତିରେ ବାନ୍ଧି

ଜିଣିବାକୁ ଆମ
ଦେଶର ସ୍ୱତ୍ୱ
ବିଦେଶୀଙ୍କ ପାଖେ
କରିଲେ ଦାବି ।

ତାଙ୍କ କଥା କହୁ
ନୋଆଖାଲି ଶୁଣା,
ଗର୍ଜିଲେ ବିଦେଶୀ
ଉଠାଇ ଫଣା ।



Digitized by srujan ka@gmail.com



ଐତିହାସିକ କୃପାସିନ୍ଧୁ

Digitized by srujan ka@gmail.com

ତୋପ ବନ୍ଧୁକର
ଭୟ ଦେଖାଇ
ଭାବିଲେ ଲୋକଙ୍କୁ
ଦେବେ ଦବାଇ ।

ଛଟିଲ ହେଲେ ଲୋକେ
ନ ଗଲେ ଡର,
ମଣ୍ଡକାପାଇଁକ
ହେଲେ ତିଆର ।

ଦୁନିଆ ଆଗରେ
କଲେ ଶପଥ—
'ସ୍ୱାଧୀନ କରିବୁଁ
ଆମେ ଭାରତ ।'

"ସ୍ୱାଧୀନତା-ଯଜ୍ଞ
ଆରମ୍ଭ ହେଲା
ଛବିଶି ବରଷ
କାଳ ଲାଗିଲା ।
ଉଦ୍‌ଯୋଗ ହେବେ
'ଅସହଯୋଗ',
ହେଲେ ଗୁରୁ-ଶିଷ୍ୟ
ଛନ୍ଦିରେ ଯୋଗ ।



Digitized by srujan ka@gmail.com

ଲେଖି 'ନୀଳକଣ୍ଠ'
ଦେଲେ ଡାକରା,
ଚହଲ ପଡ଼ିଲା
ଓଡ଼ିଶାସାରା—
'ଜୀବନ ପଛକେ
ନ ଖାଇ ଯାଉ,
ଗୋଲାମଖାନାରେ
ନ ରହ ଆଉ ।
ସ୍ୱରାଜ ଆମର
ହେବ ମୂକର
ଗୋଲାମିକ ଛିନ୍ନ
କର ସମର ।'
ପଢ଼ି ସରକାର
ଉଠିଲେ ଚଢ଼ି,
ପିନ୍ଧାଇଲେ ତାଙ୍କୁ
ହାତରେ କଡ଼ି ।
ଜେଲ, ଜୋରିମାନା,
ଲାଠିଘାହାର
ଭୋଗି ଜୀବନେ ସେ
ଥରକୁ ଥର
ନ ଟଳେ ପନ୍ଥକୁ
ଝିଟେ ଲେଉଟି,
ଶେଷକୁ ସ୍ୱଦେଶୀ
ଯୁଦ୍ଧରେ ଝଟି



Digitized by srujan ka@gmail.com

ଆମ ଦେଶ-ଗୃହ
ଆମକୁ ଦେଇ
ଗଲେ ଏ ମାଟିରୁ
ବିଦାୟ ନେଇ

ଆମ ସରକାର
ଗଢ଼ିଲେଁ ଆମେ
ଦରକାର ବେଳେ
ଲାଗଇ କାମେ ।

ନୀଳକଣ୍ଠଙ୍କର
ମିବା ଖବର
ଶୁଣି ଆମ ରାଜ୍ୟ
ମନ୍ତ୍ରୀ ପ୍ରବର

ଶେଷ ଦରଶନ
ପାଇବାପାଇଁ
କାମଦାମ ଛାଡ଼ି
ଆସିଲେ ଧାଇଁ ।

ଆଜି ଯେତେ ଥିଲେ
ସଚିବକୁଳ
ଦରଶନ ଲାଗି
ହୋଇଲେ ଠୁଳ ।



Digitized by srujan ka@gmail.com

ରାଷ୍ଟ୍ରୀୟ ସମ୍ମାନ
ଦେବାପାଇଁକି
ସଙ୍ଗେ ସଙ୍ଗେ ଦେଲେ
ଆଦେଶ ଲେଖି—
'ସୁଧୀ, ବୀରପୁତ୍ର
କବି, ସୈନିକ,
ସ୍ୱାଧୀନତା-ଯୁଦ୍ଧ-
ସେନାନାୟକ,
ଚନ୍ଦ୍ରଭୂଷଣ ସେ
ନୀଳକଣ୍ଠଙ୍କ
ଲିଭିଯାଇଅଛି
ଜୀବନ-ଦୀପ ।
ତାଙ୍କ ଶେଷକୃତ୍ୟ
କାମ ଦେଶର,
ଯାହା ବିଧି ତାହା
କର ସତ୍ୱର ।'
ଜାତି ସରକାର
ଦେଲେ ଆହ୍ୱାନ,
ଘଡ଼ିକଭିତରେ
ଆସିଲା ଯାନ ।
ନାନା ଜାତି ଫୁଲ-
ମାଳ ପିନ୍ଧାଇ
ଶବ ଶିବିକାରେ
ନେଲେ ଉଠାଇ ।



Digitized by srujan ka@gmail.com

ଶେଷ ଥରପାଇଁ
କରି ଦର୍ଶନ
ଲୁହ ଗଡ଼ାଇଲେ
ବନ୍ଧୁ ସ୍ୱଜନ ।
ଜାଣି ସରକାର-
ଆଦେଶ ପାଇ
ଆସିଥିଲେ ଆଗୁଁ
ସୈନିକ ଭାଇ ।
ବନ୍ଧୁକ ମୁହଁକୁ
ଚଳକୁ ଦେଇ
ଫୁଟିଲେ ମାରବେ
ପାଦ ମିଳେଇ ।
ବିଷାଦ- ସ୍ୱରରେ
ବାଜିଲା ବାଜା,
ଏଭଳି ସମ୍ମାନ
ନ ପାଏ ରାଜା ।
ଗଡ଼ ଗଡ଼ ଗଲେ
ମଟରଚକ,
କହି କହି ଯାଏ—
'ଦେଖ ରେ ଦେଖ,
ଭାରତ ଅଟଇ
ବିଧି-ବିଧାନ,
ଅଘଟନ କଥା
କରେ ଘଟନ ।



Digitized by srujan ka@gmail.com

ହାତକଣ୍ଠ ଦେଇ
ପୁଜାସି ଯାଉରେ
ନେଇଥିଲେ ଧନ
ଏଇ ବାଟରେ,
ପଳାଇବ ଦାଗୀ
ଆଶଙ୍କା କରି
ମୃରପଟେ ଚାର
ହୋଇପହଷ
ଗବେ ଝୁଲୁଥିଲେ
ବନ୍ଧୁକଧାରୀ,
ଶଙ୍କେ ଯ ଉଥିଲେ
ଦେଖଣାହାରି,
ସେସବୁମାନେ ଆଜ
ତାହାକୁ ପୁଣି
ବନାଇ ନଅନ୍ତି
ଦେବତା ମଣି
କଟକ ନଗର
ସଡ଼କେ ଧୂଳି;
ଗୃହଆଡ଼ୁ ଶ୍ରଦ୍ଧା—
ଅଞ୍ଜଳି ଧରି
ବୃଳାଗଲା ଯାନ
ଭୁବନେଶ୍ୱର ;
ଶହ ଶହ ଲୋକ
ହୋଇ ଆତୁର

Digitized by srujan ka@gmail.com

ଦରଶନ କଲେ
ଜାତି-ନାୟକ
ଜାତିପାଇଁ ପ୍ରାଣ
ଥିଲେ ଯେ ଢାଳି ।
'ସ୍ୱାଧୀନ ସଙ୍ଘ'ର
ଭୃଙ୍ଗ ମଧୁର
ଉତ୍କଣ୍ଠରେ ଦେଲ
ନୁଆଁଇ ଶିର ।
ବକୁଳ ବନକୁ
ଗୃହାଲ ଯାନ,
ଯେଉଁ ବନ ଥିଲ
ସାଧନା-ଥାନ ।
ବୋହୂ, ଝିଅ, ବୁଢ଼ୀ
ବେଣ୍ଡିଆ ବୁଢ଼ା
ହୋଇଥିଲେ ଆସି
ଆଗରୁ ଠୁଡ଼ା ।
ମୁଣ୍ଡମାଳ ଦିଶୁ-
ଥିଲ ତ ଖାଲି,
ଥାଳ ମାରଦେଲେ
ଯାଆନ୍ତା ଗଳି ।
'ରାମ ନାମ ସତ୍ୟ'
ଦୂରରୁ ଶୁଣି
ସହସ୍ର ଆଖିରୁ
ବୋହିଲା ପାଣି ।

,,

Digitized by srujan ka@gmail.com



ସ୍ୱର୍ଗତ ଗୋଦାବରୀଶ

Digitized by srujan ka@gmail.com

ଗାଆ ଘର'ବନ
ଗଲା ଉଚ୍ଛୁଳି,
ଖେଳିଲା ସବୁରି
ଦେହେ ବିଜୁଳି ।
ସଜା ହୋଇଥିଲା
ଆଗରୁ ବେଦି,
ଘଟିଲା ତହିଁ ଯା
ମରମ ଭେଦି
ପଢ଼ି ଶୁଣି ମୁହିଁ
ବୁଝିଛି ଯାହା
ଏପାରି ଖବର
କହିଲି ତାହା ।

"ସେପାରି ସମ୍ବାଦ
ଶୁଣ ଏଥର—
ନୀଳକଣ୍ଠଙ୍କର
ଯିବା ଖବର
ପଢ଼ିଥିଲି ତହିଁ
ଆଗରୁ ଜଣା,
ହୋଇଥିଲା ବଡ଼
ଗୁନ୍ଦ ଆ ଟଣା ।



Digitized by srujan ka@gmail.com

ବସିବାପାଇଁକ
ବନ୍ଧୁ ସ୍ୱଜନ
ସଜା ହୋଇଥିଲା
ଦିବ୍ୟ ଆସନ ।
ଫାଟକରେ ଲେଖା
ଥିଲା 'ସ୍ୱାଗତ',
ଉଡ଼ୁଥିଲା ଜାତି-
ପତାକା ଶତ ।
ଦଳ ଦଳ ହୋଇ
ସ୍ୱେଚ୍ଛାସେବକ
ଯହିଁ ବସିଥିଲେ
ଶଣା ବାଦକ ।
ଏପରି ସଜାକୁ
ଶୋଭାରେ ବଳି
ଝଟୁଥିଲା ଚନ୍ଦ୍ର-
ଜଦ୍‌ଆ ଜଳ ।
ନନ୍ଦନ କାନନୁ
କୁସୁମ ତୋଳି
ରଖିଥିଲେ ବାସ
ଚନ୍ଦନ ଗୋଳି,
ପହଞ୍ଚିଲା ଯାଇ
'କଣ୍ଠ'ଙ୍କ ରଥ,
ଆସି ଗୋପବନ୍ଧୁ
ଧରିଲେ ହାତ ।



Digitized by srujan ka@gmail.com

ଗୋପ ଚଉଧୁରୀ
ଜନତା-ମିତ .
ଉଭ୍ର ଜାଙ୍ଗରାଜ
ତାଙ୍କ ସମ୍ପତ ।
ମଙ୍ଗରାଜ ଦେଲେ
ହାର ପିନ୍ଧାଇ,
କୁନ୍ତଳା, ଅପର୍ଣ୍ଣା
ନେଲେ ବନ୍ଧାଇ ।
କବି ବାଞ୍ଛାନିଧି-
ରଚିତ ଗୀତ
ଗାଇ ନିରଞ୍ଜନ
ହଉଲେ ଶାନ୍ତ ।
କୃପାସିନ୍ଧୁ ସାଥେ
ଗୋଦାବରୀଶ
ପୁଣ୍ଡମିତ୍ର ସଭାଏ
ହୋଇ ହରଷ
ବୁଲିଛନ୍ତି, 'କପର
ଶାସନ କଳ ?
କମିଛି ନା ବଢ଼ି-
ଯାଇଛି ବଳ !
ପଢ଼ନ୍ତି ପିଲାଏ
କାହାର ପାଠ ?
ବଦଳି ଯିବଣି
ପଢ଼ାର ବାଠ !



Digitized by srujan ka@gmail.com



ଆଚାର୍ଯ୍ୟ ହରିହର

Digitized by srujan ka@gmail.com

ନିଶା କାରବାର
ମିଟିଣି ଜମି,
ଝଗଡ଼ା ନଥିବ
ଚଷାଏ ଜମି !
ଛୁଆଁଛୁଟ ଭେଦ
ନଥିବ ଆଉ !
ଦରିଦ୍ର ମିଟିଣି
ରୋଗର ଦାଉ !

ବସ୍ତ୍ର ଖାଦ୍ୟ ପାଇ-
ଥିବେ କୃଷକ,
କାରିଗରଙ୍କର
ନଥିବ ଦୁଃଖ !
ବିନୋବାଙ୍କ କାମ
ନଥିବ ବାକି,
ଆଜି ଦେଶ ଲୋକେ
ଦେଖିବେଣି ଆଖି !
ନ ଥିବେ କେହି ତ
ଶୋଷଣକାରୀ,
ବଢ଼ିଥିବେ ଦେଶ-
ପୋଷଣକାରୀ !
ଚାଲୁଥିବେ ଲୋକେ
ଗାନ୍ଧିଙ୍କ ମାର୍ଗ,
ଏହି ମାର୍ଗରେ ନେଲେ
ଦେଶକୁ ସ୍ୱର୍ଗ !'



Digitized by srujan ka@gmail.com

ନନ୍ଦୁ ମାଲକଣୁ
ଅଳପ ଦୂରୀ
ଟେକି ଦୀର୍ଘଶ୍ୱାସ
କହିଲେ ବନ୍ଦୀ—

"ପଶିଲ ଯାହା
ଜନ୍ମର ପରେ,
ଛପି ରଖିଛି ମୁଁ
ପ୍ରାଣ ଘଟରେ ।

'ଆଣିଛୁ ନଗାଟା ?
ଚନ୍ଦ୍ର ବାରତା
'ଦୂର ଲଲନାଙ୍କ
ମନର କଥା—

ନ କହିବ ତାଙ୍କୁ
କେବେ ଅଲଗା,
ତମ ଘାଟେ ଖଣ୍ଡା
ଲଗିବ ଦାଗା ।"

Digitized by srujan ka@gmail.com

# ଅନୁଗ୍ରହ କରି ଥରେ ପଢ଼ନ୍ତୁ

ସ୍ୱାଧୀନତା-ଯୁଦ୍ଧ ଛବିଶି ବର୍ଷ କାଳ ଲାଗିଲା—ଏକୋଇଶି ମସିହାରୁ ସତଚାଳିଶି ଯାଏ । ଏ ଦୀର୍ଘ କାଳମଧ୍ୟରେ ଜନତାଙ୍କ ପ୍ରାଣରେ ଉନ୍ମାଦନା ଆଣିବା ଲାଗି ତଥା ମୁକ୍ତି-ଯୁଦ୍ଧର ସୈନିକ-ମାନଙ୍କୁ ଉତ୍ସାହ ଦେବା ସକାଶେ ଯେଉଁ ସାହିତ୍ୟର ସୃଷ୍ଟି ହୋଇଥିଲା, ତାକୁ ଲୋକଲୋଚନକୁ ଆଣିବା ନିମନ୍ତେ ଆମ୍ଭେମାନେ ଉଦ୍ୟମ କରୁଛୁ । ଅହିଂସା ନାଟକ ଭଳି କେତେ ଯେଉଁସବୁ କବିତା, ସଂଗୀତ ପ୍ରଭୃତି ପ୍ରକାଶିତ ହୋଇ ବ୍ରିଟିଶ ସରକାରଙ୍କ ଦ୍ୱାରା ବାଜ୍ୟାପ୍ତ ହୋଇଥିଲା ଏବଂ ଯେଉଁସବୁ ଅପ୍ରକାଶିତ ଲେଖା ସୈନ୍ୟବାହିନୀ ମୌଖିକ ପ୍ରଚାର କରୁଥିଲେ, ସେଗୁଡ଼ିକ ସଂଗ୍ରହ କରୁଛୁ ।

ସ୍ୱାଧୀନତା-ସମରର ପ୍ରଥମ ରାଜଦ୍ରୋହ କବିତାପୁସ୍ତକ 'ମୋହନ ବଂଶୀ' ବହି ଖଣ୍ଡି ପ୍ରକାଶିତ ହୋଇଥିଲା ୪୭ ବର୍ଷ ତଳେ । ସେ ଯୁଗର ଅପ୍ରତିଦ୍ୱନ୍ଦ୍ୱୀ ନେତା, ବିହାର-ଓଡ଼ିଶାର ମନ୍ତ୍ରୀ ୰ମଧୁସୂଦନଙ୍କ କରକମଳରେ ଅର୍ପିତ ସେହି ପୁସ୍ତକରେ ଯେଉଁ ଦୀର୍ଘ ଉତ୍ସର୍ଗପତ୍ର ଲେଖା ହୋଇଛି, ତାହା ବାସ୍ତବରେ ପଠନୋପଯୋଗୀ । ତବେ ସେହି ମୋହନ ବଂଶୀର ସ୍ୱନ ସମଗ୍ର ଉତ୍କଳବାସୀ ତଥା ଉତ୍କଳଭାଷୀଙ୍କ ମନରେ ଜାଗିଥିବା ବିପ୍ଳବର ଉନ୍ମାଦନା ଆଣି ବିଦେଶୀ ଶାସନର ନଗ୍ନ ଛାପ ପୃଥିବୀର ଆଖି ଆଗରେ ଆଙ୍କିଦେଇଥିଲା ।

ସ୍ୱାଧୀନତା-ସଂଗ୍ରାମର ସୈନିକ ବିପ୍ଳବୀ ବୀରକିଶୋରଙ୍କର ଅନୁମତି ନେଇ 'ମୋହନ ବଂଶୀ' ପୁସ୍ତିକା ଖଣ୍ଡି ପ୍ରକାଶ କରୁଛୁ ।

ଏକତ୍ର ଏକ ଶତ ଖଣ୍ଡ ବହି ନେଲେ ଉପଯୁକ୍ତ କମିଶନ ଦିଆଯାଏ । ମୂଲ୍ୟ ୭୫ ପଇସା ।

**ପ୍ରକାଶକ**

Digitized by srujan ka@gmail.com